ଜେ. ଆର. କପୁର

ବନାମ

ଏମ୍/ଏସ୍. ମାଇକ୍ରୋନିକ୍ସ ଇଣ୍ଡିଆ

ଅଗଷ୍ଟ 10,1994

[ପି. ବି. ସାୱନ୍ତ ଏବଂ ଏସ୍. ସି. ଅଗ୍ରୱାଲ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତର ସମ୍ବିଧାନ- ଅନୁଚ୍ଛେଦ 136- ଉଚ୍ଚ ନ୍ୟାୟାଳୟଙ୍କ ମଧ୍ୟବର୍ତ୍ତୀକାଳୀନ ଆଦେଶ ଦ୍ୱାରା ଗୋଟିଏ ପକ୍ଷକୁ ଟ୍ରେଡମାର୍କ, ଲୋଗୋ ଏବଂ କାର୍ଟନ ବ୍ୟବହାର କରିବା ଉପରେ ନିଷେଧାଜ୍ଞା ଜାରି କରାଯାଇଥିଲା- ବୈଧତା- ଦୁଇଟି ବାଣିଜ୍ୟିକ ନାମ ହେଉଛି 'ମାଇକ୍ରୋଟେଲ' ଏବଂ 'ମାଇକ୍ରୋନିକ୍ସ' ଯେଉଁଥିରେ ଲୋଗୋ ରହିଛି- ବାଣିଜ୍ୟିକ ନାମର ଶବ୍ଦଗୁଡ଼ିକ, ଉଚ୍ଚାରଣ ଦୃଷ୍ଟିରୁ ସମ୍ପୂର୍ଣ୍ଣ ଭିନ୍ନ ଅଟେ- ଦୁଇଟି ନାମର ଦୃଶ୍ୟମାନ ପ୍ରଭାବ ମଧ୍ୟ ଭିନ୍ନ- ଉଭୟ ଲୋଗୋର ଦୃଶ୍ୟଗତ ପ୍ରଭାବ କ୍ରେତାଙ୍କ ମନରେ ସମାନ ନଥାଏ- କ୍ରେତା ଏବଂ ବ୍ୟବହାରକାରୀମାନେ ଭ୍ରମିତ ହେବାର କିମ୍ବା ଦ୍ୱନ୍ଦ୍ୱରେ ପଡ଼ିବାର କୌଣସି ସମ୍ଭାବନା ନାହିଁ- ଆବେଦନକାରୀଙ୍କୁ ତାଙ୍କ ବାଣିଜ୍ୟିକ ନାମ, ଲୋଗୋ ଏବଂ କାର୍ଟନ ବ୍ୟବହାର କରିବାରୁ ବାରଣ କରି ମଧ୍ୟବର୍ତ୍ତୀକାଳୀନ ନିଷେଧାଜ୍ଞା ପ୍ରଦାନ କରିବାରେ ଉଚ୍ଚ ନ୍ୟାୟାଳୟ ନିଜର ଅଧିକାରିତା କ୍ଷେତ୍ର ପ୍ରୟୋଗ କରିବାରେ ଠିକ୍ ଥିଲେ କି ନାହିଁ ।*

**ଉଭୟ ଉତ୍ତରଦାତା-ବାଦୀ ଏବଂ ଆବେଦନକାରୀ-ପ୍ରତିବାଦୀ, ବିଭିନ୍ନ ବୈଦ୍ୟୁତିକ ଏବଂ ବିଦ୍ୟୁତ ସାମଗ୍ରୀ, ଉପକରଣ ଏବଂ ଯନ୍ତ୍ରପାତି ଇତ୍ୟାଦି ଉତ୍ପାଦନ ଏବଂ ବିକ୍ରୟ କରନ୍ତି । ଆବେଦନକାରୀ, ଉତ୍ତରଦାତାଙ୍କ ସହିତ ମେସର୍ସ ମାଇକ୍ରୋନିକ୍ସ ଇଣ୍ଡିଆ କମ୍ପାନୀର ଅଂଶୀଦାରମାନଙ୍କ ମଧ୍ୟରୁ ଜଣେ ଥିଲେ । ବ୍ୟବସାୟିକ ପ୍ରତିଷ୍ଠାନର 'ମାଇକ୍ରୋନିକ୍ସ' ଭାବେ ଏକ ପଞ୍ଜୀକୃତ ଟ୍ରେଡମାର୍କ ଥିଲା, ଏବଂ ଲୋଗୋ 'ଆଇଏମ' 'ଆଇ' କୁ 'ଏମ୍' ର ବୃତ୍ତ ମଧ୍ୟରେ ଦର୍ଶାଯାଇଥିଲା ଏବଂ ଉଭୟ ଅକ୍ଷର କଳା ଏବଂ ଧଳା ରଙ୍ଗରେ ରହିଥିଲା । ଭାଗିଦାରୀର ବିଲୋପ ହୋଇଥିଲା ଏବଂ ଆପୋଷ ବୁଝାମଣାର ସର୍ତ୍ତାବଳୀ ଅନୁଯାୟୀ ଉକ୍ତ ଟ୍ରେଡମାର୍କକୁ ଉତ୍ତରଦାତାଙ୍କୁ ଆବଣ୍ଟନ କରାଯାଇଥିଲା । ଆବେଦନକାରୀ 'ମାଇକ୍ରୋଟେଲ୍' ବାଣିଜ୍ୟିକ ନାମ ସହିତ ମେସର୍ସ ମାଇକ୍ରୋଟେଲମାଟିକ୍ସର ନାମ ଏବଂ ଶୈଳୀରେ ସମାନ ଉତ୍ପାଦ ଉତ୍ପାଦନ କରିବାର ନିଜସ୍ୱ ବ୍ୟବସାୟ ଆରମ୍ଭ କରିଥିଲେ ।ଉଭୟ ଲୋଗୋ 'ଏମ୍' ଏବଂ ବାଣିଜ୍ୟିକ ନାମ ଯଥାକ୍ରମେ ନୀଳ ଏବଂ ଲାଲ ରଙ୍ଗରେ ଥିଲା ।**

**ବାଦୀ ବାଣିଜ୍ୟିକ ନାମ 'ମାଇକ୍ରୋଟେଲ୍', ଲୋଗୋ 'ଏମ୍' ଏବଂ ପ୍ୟାକେଜିଂ କାର୍ଟନର ବ୍ୟବହାର ବିରୋଧରେ ନିଷିଦ୍ଧାଦେଶ ପାଇଁ ଆବେଦନ କରିଥିଲେ । ଉଚ୍ଚ ନ୍ୟାୟାଳୟ ଏହି ନିଷିଦ୍ଧାଦେଶ ଜାରି କରିଛନ୍ତି ।ତେଣୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ ଆସିଛି ।**

**ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ**

ନିର୍ଣ୍ଣୟ ନେଇଛନ୍ତି ଯେ: **1. 1.**'ମାଇକ୍ରୋ' ଶବ୍ଦଟି ଅନେକ ବିଦ୍ୟୁତ ସାମଗ୍ରୀର ଉତ୍ପାଦନରେ ବ୍ୟବହୃତ ଲଘୁ ପ୍ରଯୁକ୍ତିବିଦ୍ୟାକୁ ବର୍ଣ୍ଣନା କରୁଥିବା ଏକ ବିବରଣାତ୍ମକ ଶବ୍ଦ ହେତୁ, ଏହି ଶବ୍ଦର ବ୍ୟବହାର ଉପରେ କୌଣସି ବ୍ୟକ୍ତି ଏକାଧିକାର ଦାବି କରିପାରିବେ ନାହିଁମାଇକ୍ରୋଚିପ୍ ଟେକ୍ନୋଲୋଜି ବ୍ୟବହାର କରି ଯେକୌଣସି ସାମଗ୍ରୀ ଉତ୍ପାଦନ କରୁଥିବା ବ୍ୟକ୍ତି ଉକ୍ତ ଶବ୍ଦଟିକୁ ତାଙ୍କ ବାଣିଜ୍ୟିକ ନାମର ଉପସର୍ଗ ଭାବେ ବ୍ୟବହାର କରିବା ଯଥାର୍ଥ ହେବ । ତେଣୁ ଏପରି ଉତ୍ପାଦର ବ୍ୟବହାରକାରୀମାନେ ଉକ୍ତ ଶବ୍ଦ ଦ୍ୱାରା ଭ୍ରମିତ ହେବା କିମ୍ବା ଦ୍ୱନ୍ଦ୍ୱରେ ପଡିବାର ସମ୍ଭାବନା ନାହିଁ ।

**1.2.** ଏହି ପର୍ଯ୍ୟାୟରେ ପ୍ରାଥମିକ ଭାବରେ କେବଳ ଗୋଟିଏ ପ୍ରଶ୍ନର ନିଷ୍ପତ୍ତି ନିଆଯିବ ଯେ, ଆବେଦନକାରୀ ଏବଂ ଉତ୍ତରଦାତାଙ୍କ ବ୍ୟବସାୟିକ ନାମରେ ଥିବା 'ଟେଲ' ଏବଂ 'ନିକ୍ସ' ଶବ୍ଦଗୁଡ଼ିକ କ୍ରେତା ଏବଂ ବ୍ୟବହାରକାରୀଙ୍କ ପାଇଁ ଭ୍ରମାତ୍ମକ କି ନୁହେଁ ଏବଂ ଗୋଟିଏ ବଦଳରେ ଅନ୍ୟଟି କିଣିବା ପାଇଁ ସେମାନଙ୍କୁ ଭ୍ରମିତ କରିବା କିମ୍ବା ଦ୍ୱନ୍ଦ୍ୱରେ ପକାଇବାର ସମ୍ଭାବନା ଅଛି କି ନାହିଁ । ଉଚ୍ଚାରଣରେ ଶବ୍ଦଗୁଡ଼ିକ ସମ୍ପୂର୍ଣ୍ଣ ଭିନ୍ନ ହୋଇଥିବାରୁ ବ୍ୟବହାରକାରୀଙ୍କ ମନରେ ଏପରି କୌଣସି ଦ୍ୱନ୍ଦ୍ୱ ସୃଷ୍ଟି କରିବ ନାହିଁ । ଦ୍ୱିତୀୟତଃ, ଉକ୍ତ ଦୁଇଟି ବାଣିଜ୍ୟିକ ନାମର ଦୃଶ୍ୟମାନ ପ୍ରଭାବ ମଧ୍ୟ ଭିନ୍ନ ଅଟେ । ଉତ୍ତରଦାତାମାନଙ୍କର ବାଣିଜ୍ୟିକ ନାମ 'ମାଇକ୍ରୋନିକ୍ସ' ପତଳା ଅକ୍ଷରରେ କଳା ଏବଂ ଧଳା ରଙ୍ଗରେ ଅଛି ଏବଂ ସେଗୁଡ଼ିକ ଉକ୍ତ ନାମର ଉଭୟ ଉପରେ ଏବଂ ତଳେ ଲମ୍ବା ତ୍ରିଭୁଜ ଆକାରରେ ଆବଦ୍ଧ ହୋଇ ରହିଛି । ଆବେଦନକାରୀଙ୍କ ବାଣିଜ୍ୟିକ ନାମ 'ମାଇକ୍ରୋଟେଲ୍' ଚାରିପାଖରେ କୌଣସି ଆକାର ବିନା ଲାଲ ରଙ୍ଗରେ ମୋଟା ଗାଢ଼ ଅକ୍ଷରରେ ରହିଛି ।

**1.3.** ଲୋଗୋ ସମ୍ବନ୍ଧରେ, ଉତ୍ତରଦାତାଙ୍କ ଲୋଗୋରେ ଏକ ପତଳା ଅକ୍ଷରରେ 'ଏମ୍' ଶବ୍ଦ ରହିଛି, ଯେଉଁଥିରେ 'ଆଇ' ଉପରେ ଏକ ବିନ୍ଦୁ ଅଛି ଏବଂ 'ଏମ୍' ର ବୃତ୍ତରେ ଅଙ୍କିତ ହୋଇଛି । 'ଏମ' ଅକ୍ଷର ତଳେ ଛୋଟ ଅକ୍ଷରରେ 'ମାଇକ୍ରୋନିକ୍ସ' ଶବ୍ଦଟି ଲେଖାଯାଇଛି ଏବଂ ଗୋଟିଏ କଳା ବର୍ଗ ମଧ୍ୟରେ ଉତ୍ତର-ଦକ୍ଷିଣ ଦିଗରେ ସମସ୍ତ ଅକ୍ଷର ଏବଂ ଶବ୍ଦ ଧଳା ରଙ୍ଗରେ ଲେଖାଯାଇଛି । ଏହାର ବିପରୀତରେ, ଆବେଦନକାରୀଙ୍କ ଲୋଗୋ ହେଉଛି ଗୋଟିଏ ଅକ୍ଷର, ଯଥା, 'ଏମ୍' ଯାହା ବାମ ଗୋଡ ପତଳା ସହିତ ଗାଢ଼ ପ୍ରଶସ୍ତ ଅକ୍ଷରରେ ଅଙ୍କିତ ହୋଇଛି ଏବଂ ତା 'ପରେ ଅନ୍ୟ ସମସ୍ତ ଅଂଶ ଯାହା ମୋଟା ପ୍ରଶସ୍ତ ବ୍ରସରେ ଅଛି । ଏହି ଅକ୍ଷରରେ ଧଳା ରେଖା ମଧ୍ୟ ଅଙ୍କିତ ହୋଇଛି ଯାହା ନୀଳ ରଙ୍ଗରେ ଅଛି । ଅନ୍ୟ କୌଣସି ରଙ୍ଗ ନାହିଁ କିମ୍ବା ଏହା କୌଣସି ପୃଷ୍ଠଭୂମିରେ ଲାଗି ନାହିଁ । ଉଭୟ ଲୋଗୋର ଦୃଶ୍ୟମାନ ପ୍ରଭାବ କ୍ରେତାଙ୍କ ମନରେ କିପରି ସମାନ ହେବ ତାହା ଦେଖିବାକୁ ନ୍ୟାୟାଳୟ ଅସମର୍ଥ । ଏପରିକି କ୍ରେତା ଏବଂ ବ୍ୟବହାରକାରୀମାନେ ଦୁଇଟି ବାଣିଜ୍ୟିକ ନାମ ଏବଂ ଲୋଗୋ ଦ୍ୱାରା ଭ୍ରମିତ ହେବା କିମ୍ବା ଦ୍ୱନ୍ଦରେ ପଡିବାର କୌଣସି ସମ୍ଭାବନା ମଧ୍ୟ ନାହିଁ । କାର୍ଟନ୍ କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା, ଯାହା କେବଳ ଉଭୟ ବାଣିଜ୍ୟିକ ନାମ ଏବଂ ଲୋଗୋକୁ ପୁନଃଉପସ୍ଥାପନ କରିଥାଏ ।

**1.4.** ଉପରୋକ୍ତ ପର୍ଯ୍ୟବେକ୍ଷଣଗୁଡ଼ିକ କେବଳ ଏହି ଅନ୍ତରୀଣ ପର୍ଯ୍ୟାୟରେ ଆବେଦନକାରୀଙ୍କୁ ଟ୍ରେଡମାର୍କ, ଲୋଗୋ ଏବଂ କାର୍ଟନ ବ୍ୟବହାରରୁ ବାରଣ କରାଯିବ କି ନାହିଁ ତାହା ସ୍ଥିର କରିବା ପାଇଁ ଉଦ୍ଦିଷ୍ଟ । ଚୂଡ଼ାନ୍ତ ଶୁଣାଣି ସମୟରେ ଉଚ୍ଚ ନ୍ୟାୟାଳୟ ଅନ୍ୟ ଏକ ନିଷ୍କର୍ଷରେ ପହଞ୍ଚିବା ପାଇଁ କୌଣସି ପ୍ରତିବନ୍ଧକତାରେ ବାଧ୍ୟ ହେବ ନାହିଁ ।

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 2253/1994

15.10.93 ତାରିଖରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ଏଫ୍. ଏ. ଓ. (ଓଏସ) ସଂଖ୍ୟା 229/1993 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ଏସ୍. ଭି. ଦେଶପାଣ୍ଡେ ଏବଂ ସୁଧାଂଶୁ ବାତ୍ରା ଆବେଦନକାରୀଙ୍କ ପାଇଁ ।

ଏ. କେ. ଗୋୟଲ, ଶ୍ରୀ ୱିଲ୍ସ ମାଥ୍ୟୁସ, ଏମ. କେ. ଡି. ନାମବୁଦ୍ରୀ ଏବଂ ସୁଶ୍ରୀ ବିନ୍ଦୁ ଟମଟା ଉତ୍ତରଦାତାଙ୍କ ପାଇଁ ।

ନ୍ୟାୟାଳୟର ରାୟ ପ୍ରଦାନ ଯାଇଥିଲା

**ନ୍ୟାୟମୂର୍ତ୍ତି ସାୱନ୍ତଙ୍କ** ଦ୍ୱାରା । ଉଚ୍ଚ ନ୍ୟାୟଳୟଙ୍କ ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶ ବିରୁଦ୍ଧରେ ଏହି ଅବେଦନରେ ନିର୍ଦ୍ଦେଶ ଦିଆଯାଇଛି, ଯେଉଁଥିରେ ଆବେଦନକାରୀଙ୍କୁ ତାଙ୍କ ଉତ୍ପାଦ ପ୍ରସ୍ତୁତ ଏବଂ ବିକ୍ରି କରିବା ପାଇଁ 'ମଇକ୍ରୋଟେଲ' ଟ୍ରେଡମାର୍କ, 'ଏମ୍' ଲୋଗୋ ଏବଂ କାର୍ଟନ ବ୍ୟବହାର କରିବାକୁ ବାରଣ କରାଯାଇଛି, ସେହି ଉତ୍ପାଦଗୁଡ଼ିକ ମଧ୍ୟରେ ବୈଦ୍ୟୁତିକ ଏବଂ ଇଲେକ୍ଟ୍ରୋନିକ୍ସ ସରଞ୍ଜାମ, ଯନ୍ତ୍ରପାତି, ଟିଭି ବୁଷ୍ଟର ଏବଂ ଟିଭି ଟ୍ୟୁନର ଅନ୍ତର୍ଭୁକ୍ତ ।

2. ଆମେ ଉଭୟ ପକ୍ଷର ବିଦ୍ୱାନ ଅଧିବକ୍ତାଙ୍କୁ ଶୁଣିଛୁ । ଆମେ ଟ୍ରେଡମାର୍କ ଏବଂ ଲୋଗୋ ସହିତ ଉଭୟ ପକ୍ଷ ନିଜ ନିଜ ଉତ୍ପାଦ ବିକ୍ରୟ ପାଇଁ ବ୍ୟବହାର କରୁଥିବା କାର୍ଟନ ମଧ୍ୟ ଯାଞ୍ଚ କରିଛୁ । ବିଦ୍ୱାନ ଅଧିବକ୍ତାଙ୍କ ଦ୍ୱାରା ଉଦ୍ଧୃତ ଏହି ବିଷୟ ସମ୍ପର୍କିତ ପ୍ରାସଙ୍ଗିକ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଯାଞ୍ଚ କରିଛୁ ।

3. ନିର୍ବିବାଦିତ ତଥ୍ୟ ହେଉଛି ଯେ ଉଭୟ ଉତ୍ତରଦାତା-ବାଦୀ ତଥା ଆବେଦନକାରୀ-ପ୍ରତିବାଦୀ ବିଭିନ୍ନ ବୈଦ୍ୟୁତିକ ଏବଂ ବିଦ୍ୟୁତ ସାମଗ୍ରୀ, କେବୁଲ୍ ଟିଭି, ଏରିଆଲ୍ ବୁଷ୍ଟର, ସଲିଡ୍ ଷ୍ଟେଟ୍ ବୁଷ୍ଟର ଇତ୍ୟାଦି ଉତ୍ପାଦନ ଏବଂ ବିକ୍ରୟ କରନ୍ତି । ଉତ୍ତରଦାତା-ବାଦୀଙ୍କ ସହିତ ଆବେଦନକାରୀ ମେସର୍ସ ମାଇକ୍ରୋନିକ୍ସ ଇଣ୍ଡିଆ ନାମକ ବ୍ୟବସାୟିକ ପ୍ରତିଷ୍ଠାନର ଅଂଶୀଦାରମାନଙ୍କ ମଧ୍ୟରୁ ଜଣେ ଥିଲେ । ଏହି ବ୍ୟବସାୟିକ ପ୍ରତିଷ୍ଠାନ, 21 ସେପ୍ଟେମ୍ବର, 1977 ରୁ ଉକ୍ତ ବୈଦ୍ୟୁତିକ ଏବଂ ବିଦ୍ୟୁତ ଉତ୍ପାଦ, ଉପକରଣ ଏବଂ ଯନ୍ତ୍ରପାତି ଇତ୍ୟାଦି ଉତ୍ପାଦନ ଏବଂ ବିକ୍ରୟ କରୁଥିଲା । ଉକ୍ତ ବ୍ୟବସାୟିକ ପ୍ରତିଷ୍ଠାନର 'ମାଇକ୍ରୋନିକ୍ସ' ଭାବେ ଏକ ପଞ୍ଜୀକୃତ ଟ୍ରେଡମାର୍କ ଥିଲା, ଏବଂ ଲୋଗୋ 'ଆଇଏମ' 'ଆଇ' କୁ 'ଏମ୍' ର ବୃତ୍ତ ମଧ୍ୟରେ ଦର୍ଶାଯାଇଥିଲା ଏବଂ ଉଭୟ ଅକ୍ଷର କଳା ଏବଂ ଧଳା ରଙ୍ଗରେ ରହିଥିଲା । କଳା ଏବଂ ଧଳା ରଙ୍ଗରେ ମଧ୍ୟ ଟ୍ରେଡ୍ ମାର୍କ।ଦିଲ୍ଲୀର ସବ୍-ଜଜ୍ ଅଦାଲତରେ, ଦାଖଲ ହୋଇଥିବା ମକଦ୍ଦମା ସଂଖ୍ୟା 494/1991ରେ ଏକ ସହମତ ଆଦେଶ ଦ୍ୱାରା 14 ଫେବୃଆରୀ 1992 ରେ ଏହି ଭାଗିଦାରୀକୁ ବିଲୋପ କରାଯାଇଥିଲା । ଆପୋଷ ବୁଝାମଣାର ସର୍ତ୍ତାବଳୀ ଅନୁଯାୟୀ ଉକ୍ତ ଟ୍ରେଡମାର୍କକୁ ଉତ୍ତରଦାତା-ବାଦୀଙ୍କୁ ଆବଣ୍ଟନ କରାଯାଇଥିଲା । ତାହାପରେ, ଆବେଦନକାରୀ 'ମାଇକ୍ରୋଟେଲ୍' ବାଣିଜ୍ୟିକ ନାମ ସହିତ ମେସର୍ସ ମାଇକ୍ରୋଟେଲମାଟିକ୍ସର ନାମ ଏବଂ ଶୈଳୀରେ ସମାନ ଉତ୍ପାଦ ଉତ୍ପାଦନ କରିବାର ନିଜସ୍ୱ ବ୍ୟବସାୟ ଆରମ୍ଭ କରିଥିଲେ । ସେ ଅକ୍ଷର ଏବଂ ପୃଷ୍ଠଭୂମି ସହିତ ସମ୍ପୂର୍ଣ୍ଣ ଭିନ୍ନ ଭାବରେ ଆକୃତ ହୋଇଥିବା ସରଳ ଏମ୍ କୁ ତାଙ୍କ ଲୋଗୋ ଭାବରେ ପ୍ରସ୍ତୁତ କରିଥିଲେ । ଉଭୟ ଲୋଗୋ 'ଏମ୍' ଏବଂ ବାଣିଜ୍ୟିକ ନାମ 'ମାଇକ୍ରୋଟେଲ୍' ଯଥାକ୍ରମେ ନୀଳ ଏବଂ ଲାଲ ରଙ୍ଗରେ ଥିଲା ।

4. ଏହାପରେ ଉତ୍ତରଦାତା-ବାଦୀ ବର୍ତ୍ତମାନର ମକଦ୍ଦମା ଦାୟର କରିଥିଲେ ଏବଂ ବାଣିଜ୍ୟିକ ନାମ 'ମାଇକ୍ରୋଟେଲ୍', ଲୋଗୋ 'ଏମ୍' ଏବଂ ପ୍ୟାକିଂ କାର୍ଟନ୍ର ବ୍ୟବହାର ବିରୁଦ୍ଧରେ ନିଷିଦ୍ଧାଦେଶ ଚାହିଁଥିଲେ ।ବିଦ୍ୱାନ ଏକକ ବିଚାରପତି ଏହି ନିଷିଦ୍ଧାଦେଶ ମଞ୍ଜୁର କରିଥିଲେ ଏବଂ ଦୁଇଜଣିଆ ଖଣ୍ଡପୀଠ ଏହା ବିରୋଧରେ ଦାଖଲ ହୋଇଥିବା ଆବେଦନକୁ ସଂକ୍ଷିପ୍ତରେ ଖାରଜ କରିଦେଇଥିଲେ । ତେଣୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ବର୍ତ୍ତମାନର ଆବେଦନ ଆସିଛି ।

5. ଏହି ପର୍ଯ୍ୟାୟରେ, ଆମେ କେବଳ ଏହି ପ୍ରଶ୍ନକୁ ନେଇ ଚିନ୍ତିତ ଯେ ଆବେଦନକାରୀଙ୍କୁ ତାଙ୍କର ବାଣିଜ୍ୟିକ ନାମ, ଲୋଗୋ ଏବଂ କାର୍ଟନ ବ୍ୟବହାର କରିବାକୁ ବାରଣ କରି ମଧ୍ୟବର୍ତ୍ତୀକାଳୀନ ନିଷିଦ୍ଧାଦେଶ ପ୍ରଦାନ କରିବାରେ ଉଚ୍ଚ ନ୍ୟାୟାଳୟ ନିଜର ଅଧିକାରିତା ପ୍ରୟୋଗ କରିବାରେ ସଠିକ୍ ଥିଲେ କି । ତେଣୁ, ଏଠାରେ ଲିପିବଦ୍ଧ କରାଯାଇଥିବା ତଥ୍ୟ ଏବଂ ପର୍ଯ୍ୟବେକ୍ଷଣକୁ ବର୍ତ୍ତମାନର କାର୍ଯ୍ୟାନୁଷ୍ଠାନ ମଧ୍ୟରେ ସୀମିତ ରଖିବାକୁ ହେବ ।ଏହି ମକଦ୍ଦମା ଏବେବି ବିଚାରାଧୀନ ରହିଛି ଏବଂ ଉଭୟ ପକ୍ଷଙ୍କ ଦ୍ୱାରା ଉପସ୍ଥାପିତ ପ୍ରମାଣକୁ ଅନୁଧ୍ୟାନ କରିବା ପରେ ଚୂଡ଼ାନ୍ତ ଉପସଂହାରରେ ପହଞ୍ଚିବାକୁ ପଡ଼ିବ ।

ଦୁଇଟି ଜିନିଷ ଆମକୁ ପ୍ରଭାବିତ କରିଛି । ପ୍ରଥମତଃ, ଆବେଦନକାରୀ ବୁଷ୍ଟର ଭଳି କୌଣସି ଗୋଟିଏ ଉତ୍ପାଦ ଉତ୍ପାଦନ କରୁନାହାନ୍ତି, ଯାହାକୁ ମୁଖ୍ୟତଃ ଉଚ୍ଚ ନ୍ୟାୟାଳୟ ବିଚାରକୁ ନେଇଛନ୍ତି । ସେ ବିଭିନ୍ନ ବୈଦ୍ୟୁତିକ ଏବଂ ବିଦ୍ୟୁତ ଉପକରଣ ଉତ୍ପାଦନ କରୁଛନ୍ତି ଯେଉଁଥିରୁ ଅନେକରେ ମାଇକ୍ରୋ-ଚିପ୍ ପ୍ରଯୁକ୍ତିବିଦ୍ୟା ବ୍ୟବହୃତ ହୁଏ । ଏପରିକି ସେ ଯେଉଁ ବୁଷ୍ଟର ତିଆରି କରନ୍ତି ଏବଂ ବିକ୍ରି କରନ୍ତି, ତାହା ଦୁଇ ପ୍ରକାରର ହୋଇଥାଏ, ଯଥା, ଟ୍ରାନଜିଷ୍ଟର ଯୁକ୍ତ ବୁଷ୍ଟର ଏବଂ ଇଣ୍ଟିଗ୍ରେଟେଡ୍ ସର୍କିଟ୍ ବୁଷ୍ଟର, ଯେତେବେଳେ କି ଉତ୍ତରଦାତା-ବାଦୀ କେବଳ ପ୍ରଥମ ପ୍ରକାରର ଏରିଆଲ୍ ବୁଷ୍ଟର ତିଆରି କରିଥାନ୍ତି । ତେଣୁ ମାଇକ୍ରୋ-ଚିପ୍ ପ୍ରଯୁକ୍ତିବିଦ୍ୟା ଅନେକ ଉତ୍ପାଦର ଆଧାର ହୋଇଥିବାରୁ, ଉତ୍ପାଦକୁ ବର୍ଣ୍ଣନା କରିବାରେ 'ମାଇକ୍ରୋ' ଶବ୍ଦର ଅନେକ ପ୍ରାସଙ୍ଗିକତା ରହିଛି । ଆହୁରି, 'ମାଇକ୍ରୋ' ଶବ୍ଦଟି ଅନେକ ବିଦ୍ୟୁତ ସାମଗ୍ରୀ ଉତ୍ପାଦନ ପାଇଁ ବ୍ୟବହୃତ ମାଇକ୍ରୋ ପ୍ରଯୁକ୍ତିବିଦ୍ୟାର ବର୍ଣ୍ଣନାତ୍ମକ ହୋଇଥିବାରୁ, ଯାହା ପ୍ରତିଦିନ ବଜାରକୁ ଆସିଥାଏ, ଉକ୍ତ ଶବ୍ଦର ବ୍ୟବହାର ଉପରେ କେହି ଏକାଧିକାର ଦାବି କରିପାରିବେ ନାହିଁ । ମାଇକ୍ରୋଚିପ୍ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଯେକୌଣସି ଉତ୍ପାଦ ଉତ୍ପାଦନ କରୁଥିବା ବ୍ୟକ୍ତି ଉକ୍ତ ଶବ୍ଦଟିକୁ ତାଙ୍କ ବାଣିଜ୍ୟିକ ନାମର ଉପସର୍ଗ ଭାବେ ବ୍ୟବହାର କରିବା ଯଥାର୍ଥ ହେବ । ଆହୁରି ମଧ୍ୟ, ଯେଉଁମାନେ ବିଦ୍ୟୁତ ସାମଗ୍ରୀର ବ୍ୟବହାର ସହିତ ପରିଚିତ ସେମାନେ ସମ୍ପୂର୍ଣ୍ଣ ଭାବରେ ଜାଣିଛନ୍ତି ଏବଂ କେବଳ ବାଣିଜ୍ୟ ନାମରେ 'ମାଇକ୍ରୋ' ଉପସର୍ଗ ଦ୍ୱାରା ଭ୍ରମିତ ହେବା କିମ୍ବା ଦ୍ୱନ୍ଦରେ ପଡିବାର ସମ୍ଭାବନା ନାହିଁ । ତେଣୁ, ଏକଦା ନିର୍ଣ୍ଣୟ ହୋଇଛି ଯେ 'ମାଇକ୍ରୋ' ଶବ୍ଦଟି ବିକ୍ରି ହେଉଥିବା ଉତ୍ପାଦଗୁଡ଼ିକର କିମ୍ବା ଯେଉଁ ପ୍ରଯୁକ୍ତିବିଦ୍ୟା ଦ୍ୱାରା ଉତ୍ପାଦଗୁଡ଼ିକ ନିର୍ମିତ ହେଉଛି ତାର ବର୍ଣ୍ଣନା କରୁଥିବା ଏକ ସାଧାରଣ ବା ବ୍ୟାପକ ନାମ ଅଟେ, ଏବଂ ଏହି କାରଣରୁ ଏଭଳି ଉତ୍ପାଦର ବ୍ୟବହାରକାରୀମାନେ ଉକ୍ତ ଶବ୍ଦ ଦ୍ୱାରା ଭ୍ରମିତ ହେବା କିମ୍ବା ଦ୍ୱନ୍ଦ୍ୱରେ ପଡ଼ିବାର ସମ୍ଭାବନା ନାହିଁ, ସେତେବେଳେ ଏହି ପର୍ଯ୍ୟାୟରେ ପ୍ରାଥମିକ ଦୃଷ୍ଟିରୁ ନିଷ୍ପତ୍ତି ନେବାକୁ ଥିବା ଏକମାତ୍ର ପ୍ରଶ୍ନ ହେଉଛି, ଆବେଦନକାରୀ ଏବଂ ଉତ୍ତରଦାତାଙ୍କ ବ୍ୟବସାୟିକ ନାମରେ ଥିବା 'ଟେଲ୍' ଏବଂ 'ନିକ୍ସ' ଶବ୍ଦ ଦୁଇଟି କ୍ରେତା ଓ ବ୍ୟବହାରକାରୀଙ୍କ ପାଇଁ ଭ୍ରମାତ୍ମକ କି ଏବଂ ଗୋଟିଏ ବଦଳରେ ଅନ୍ୟଟିକୁ କିଣିବା ପାଇଁ ସେମାନଙ୍କୁ ଭ୍ରମିତ କରିବା କିମ୍ବା ଦ୍ୱନ୍ଦ୍ୱରେ ପକାଇବାର ସମ୍ଭାବନା ଅଛି କି ନାହିଁ । ଆମ ମତରେ, ଉଚ୍ଚାରଣ ଅନୁଯାୟୀ ଶବ୍ଦଗୁଡ଼ିକ ସମ୍ପୂର୍ଣ୍ଣ ଭିନ୍ନ ହୋଇଥିବାରୁ ବ୍ୟବହାରକାରୀଙ୍କ ମନରେ ଏପରି କୌଣସି ଦ୍ୱନ୍ଦ୍ୱ ସୃଷ୍ଟି

କରିବ ନାହିଁ । ଦ୍ୱିତୀୟତଃ, ଉକ୍ତ ଦୁଇଟି ବାଣିଜ୍ୟିକ ନାମର ଦୃଶ୍ୟମାନ ପ୍ରଭାବ ମଧ୍ୟ ଭିନ୍ନ ଅଟେ । ପ୍ରଥମେ, ଉତ୍ତରଦାତାମାନଙ୍କର ବାଣିଜ୍ୟିକ ନାମ 'ମାଇକ୍ରୋନିକ୍ସ' ପତଳା ଅକ୍ଷରରେ କଳା ଏବଂ ଧଳା ରଙ୍ଗରେ ଅଛି ଏବଂ ସେଗୁଡ଼ିକ ଉକ୍ତ ନାମର ଉଭୟ ଉପରେ ଏବଂ ତଳେ ଲମ୍ବା ତ୍ରିଭୁଜ ଆକାରରେ ଆବଦ୍ଧ ହୋଇ ରହିଛି । ଅନ୍ୟ ପକ୍ଷରେ, ଆବେଦନକାରୀଙ୍କ ବାଣିଜ୍ୟିକ ନାମ 'ମାଇକ୍ରୋଟେଲ୍' ଲାଲ ରଙ୍ଗରେ ମୋଟା ଗାଢ଼ ଅକ୍ଷରରେ ଅଛି, ଯାହାର ଚାରିପାଖରେ କୌଣସି ଆକୃତି ନାହିଁ । ଲୋଗୋ ସମ୍ବନ୍ଧରେ, ଉତ୍ତରଦାତାଙ୍କ ଲୋଗୋରେ ଏକ ପତଳା ଅକ୍ଷରରେ 'ଏମ୍' ଶବ୍ଦ ରହିଛି, ଯେଉଁଥିରେ 'ଆଇ' ଉପରେ ଏକ ବିନ୍ଦୁ ଅଛି ଏବଂ 'ଏମ୍' ର ବୃତରେ ଅଙ୍କିତ ହୋଇଛି । 'ଏମ' ଅକ୍ଷର ତଳେ ଛୋଟ ଅକ୍ଷରରେ 'ମାଇକ୍ରୋନିକ୍ସ' ଶବ୍ଦଟି ଲେଖାଯାଇଛି ଏବଂ ଗୋଟିଏ କଳା ବର୍ଗ ମଧ୍ୟରେ ଉତ୍ତର-ଦକ୍ଷିଣ ଦିଗରେ ସମସ୍ତ ଅକ୍ଷର ଏବଂ ଶବ୍ଦ ଧଳା ରଙ୍ଗରେ ଲେଖାଯାଇଛି । ଏହାର ବିପରୀତରେ, ଆବେଦନକାରୀଙ୍କ ଲୋଗୋ ହେଉଛି ଗୋଟିଏ ଅକ୍ଷର, ଯଥା, 'ଏମ୍' ଯାହା ବାମ ଗୋଡ ପତଳା ସହିତ ଗାଢ଼ ପ୍ରଶସ୍ତ ଅକ୍ଷରରେ ଅଙ୍କିତ ହୋଇଛି ଏବଂ ତା 'ପରେ ଅନ୍ୟ ସମସ୍ତ ଅଂଶ ଯାହା ମୋଟା ପ୍ରଶସ୍ତ ବ୍ରସରେ ଅଛି । ଏହି ଅକ୍ଷରରେ ଧଳା ରେଖା ମଧ୍ୟ ଅଙ୍କିତ ହୋଇଛି ଯାହା ନୀଳ ରଙ୍ଗର । ସେଠାରେ ଅନ୍ୟ କୌଣସି ଅକ୍ଷର ନାହିଁ କିମ୍ବା ଏହା କୌଣସି ପୃଷ୍ଠଭୂମିରେ ଲାଗି ନାହିଁ । ତେଣୁ, କ୍ରେତାମାନଙ୍କ ମନରେ ଉଭୟ ଲୋଗୋର ଦୃଶ୍ୟମାନ ପ୍ରଭାବ କିପରି ସମାନ ହେବ ତାହା ଆମେ ଦେଖିପାରୁ ନାହୁଁ । ଏହି ପରିପ୍ରେକ୍ଷୀରେ, ଆମର ମତ ହେଉଛି ଯେ କ୍ରେତା ଏବଂ ବ୍ୟବହାରକାରୀମାନେ ଦୁଇଟି ବାଣିଜ୍ୟିକ ନାମ ଏବଂ ଲୋଗୋ ଦ୍ୱାରା ଭ୍ରମିତ ହେବା କିମ୍ବା ଦ୍ୱନ୍ଦରେ ପଡିବାର କୌଣସି ସମ୍ଭାବନା ମଧ୍ୟ ନାହିଁ ।କାର୍ଟନ୍ କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା, ଯାହା କେବଳ ଉଭୟ ବାଣିଜ୍ୟିକ ନାମ ଏବଂ ଲୋଗୋକୁ ପୁନଃଉଥାପନ କରିଥାଏ ।

ଉତ୍ତରଦାତା-ବାଦୀଙ୍କ ବିଦ୍ୱାନ ଅଧିବକ୍ତା ଯୁକ୍ତି ବାଢ଼ିଥିଲେ ଯେ କାର୍ଟନ୍ ଉପରେ ସେହି ସମାନ ଠିକଣା, ଯଥା, "ନୂଆଦିଲ୍ଲୀ-110020", ଆବେଦନକାରୀଙ୍କ ଦ୍ୱାରା ଦିଆଯାଇଛି । ଉକ୍ତ ଠିକଣାରେ କେହି କିପରି ଏକାଧିକାର ଦାବି କରିପାରିବେ ତାହା ଆମେ ବୁଝିପାରୁ ନାହୁଁ । ସେ ଏହା ମଧ୍ୟ ଦର୍ଶାଇବାକୁ ଚେଷ୍ଟା କରିଥିଲେ ଯେ ଦୁଇଟି କାର୍ଟନରେ ଶବ୍ଦ ଏବଂ ଅକ୍ଷରରେ ସମାନତା ରହିଛି, କାରଣ ଉତ୍ତରଦାତା-ବାଦୀଙ୍କ କାର୍ଟନରେ "ମଡେଲ୍ ଟିବି-212 (ଇନ-ଡୋର୍ ଟାଇପ୍)" ଶବ୍ଦ ଉଲ୍ଲେଖ ଥିବାବେଳେ ଆବେଦନକାରୀ ମଧ୍ୟ "ମଡେଲ୍ ଏମ୍. ଟି.-212 (ଇଣ୍ଡୋର୍ ୟୁନିଟ୍)" ଶବ୍ଦ ଉଲ୍ଲେଖ କରିଛନ୍ତି । ତେଣୁ, ସେ ଦର୍ଶାଇଛନ୍ତି ଯେ "ମଡେଲ" ଶବ୍ଦ ଏବଂ "212" ସଂଖ୍ୟା ମଧ୍ୟରେ ସମାନତା ରହିଛି । ଅନୁଧ୍ୟାନରୁ, ଆମେ ଦୁଇଟି ବର୍ଣ୍ଣନା ମଧ୍ୟରେ ଏପରି କୌଣସି ସମାନତା ପାଇନାହୁଁ । ଏହା ପରେ ସେ ଉପସ୍ଥାପନ କରିଛନ୍ତି ଯେ ଉତ୍ତରଦାତା-ବାଦୀ "ଟିଭି ଏବଂ ଏଫ୍ଏମ୍ ରେଡିଓ" ଶବ୍ଦ ପୂର୍ବରୁ 'ଧଳା' ଶବ୍ଦର କଳା ଆୟତାକାର ପୃଷ୍ଠଭୂମିରେ "ରଙ୍ଗିନ କଳା ଏବଂ ଧଳା ଟିଭି ଏବଂ ଏଫ୍ଏମ୍ ରେଡିଓ ପାଇଁ ସର୍ବୋତ୍ତମ" ଶବ୍ଦ ଉଲ୍ଲେଖ କରିଥିବାବେଳେ ଆବେଦନକାରୀ "ରଙ୍ଗ/କଳା ଏବଂ ଧଳା ଟିଭି ଏବଂ ଏଫ୍ଏମ୍ ରେଡିଓ ପାଇଁ" ଶବ୍ଦ ମଧ୍ୟ ଉଲ୍ଲେଖ କରିଛନ୍ତି । ପୁନର୍ବାର, ଆମେ ଦେଖୁ ନାହୁଁ ଯେ ଉଭୟ ପକ୍ଷ ନିଜ ନିଜ କାର୍ଟନରେ ଯେଉଁ ଉପାୟରେ ଉକ୍ତ ଶବ୍ଦଗୁଡିକ ଲେଖିଛନ୍ତି ତାହା କ୍ରେତାମାନଙ୍କୁ ଭ୍ରମିତ କରିବା କିମ୍ବା ଦ୍ୱନ୍ଦରେ ପକାଇବାର ସମ୍ଭାବନା ଅଛି । ଏହି ତଥ୍ୟ ବ୍ୟତୀତ ଯେଉଁଠାରେ ଉତ୍ତରଦାତା-ବାଦୀଙ୍କ କାର୍ଟନ୍ କଳା ଏବଂ ଧଳା ରଙ୍ଗର ଅଟେ, ଆବେଦନକାରୀଙ୍କ କାର୍ଟନ୍ ସମ୍ପୂର୍ଣ୍ଣ ରୂପେ ରଙ୍ଗୀନ ଅଟେ ।

6. ତେଣୁ ଆମେ ଆବେଦନକୁ ଅନୁମତି ଦେଉଛୁ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଆକ୍ଷେପିତ ଆଦେଶକୁ ଅଗ୍ରାହ୍ୟ କରୁଛୁ । ଏହା ସ୍ପଷ୍ଟ କରାଯାଇଛି ଯେ, ଉପରୋକ୍ତ ପର୍ଯ୍ୟବେକ୍ଷଣଗୁଡ଼ିକ କେବଳ ଏହି ଅନ୍ତରୀଣ ପର୍ଯ୍ୟାୟରେ ଆବେଦନକାରୀଙ୍କୁ ଟ୍ରେଡମାର୍କ, ଲୋଗୋ ଏବଂ କାର୍ଟନ ବ୍ୟବହାରରୁ ବାରଣ କରାଯିବ କି ନାହିଁ ତାହା ସ୍ଥିର କରିବା ପାଇଁ ଉଦ୍ଦିଷ୍ଟ । ସମ୍ପୂର୍ଣ୍ଣ ସାକ୍ଷ୍ୟ ପ୍ରମାଣକୁ ଅନୁଧ୍ୟାନ କରିବା ପରେ ଚୂଡ଼ାନ୍ତ ଶୁଣାଣି ସମୟରେ ଉଚ୍ଚ ନ୍ୟାୟାଳୟ ଏକ ଭିନ୍ନ ନିଷ୍ପତ୍ତିରେ ପହଞ୍ଚିବାରୁ ବଞ୍ଚିତ ହେବେ ନାହିଁ । ମାମଲାର ଚୂଡ଼ାନ୍ତ ନିଷ୍ପତ୍ତି ଅନୁଯାୟୀ ଖର୍ଚ୍ଚ ନିର୍ଦ୍ଧାରଣ କରାଯିବ ।

ଏ. ଜି. ଆବେଦନକୁ ଅନୁମତି ପ୍ରଦାନ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**
***ଶ୍ରୀ ଜଟାଧାରୀ ସେଠୀ***
ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।